**ଭାରତର ପ୍ରଧାନମନ୍ତ୍ରୀଙ୍କ ସହିତ ଟେଲିଫୋନରେ ବାର୍ତ୍ତାଳାପ କଲେ ଇସ୍ରାଏଲର ପ୍ରଧାନମନ୍ତ୍ରୀ**

ଡିସେମ୍ବର 10, 2025

ଆଜି ଇସ୍ରାଏଲର ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଟେଲିଫୋନ୍ ଯୋଗେ ବାର୍ତ୍ତାଳାପ କରିଛନ୍ତି।

2. ଉଭୟ ନେତା ଭାରତ-ଇସ୍ରାଏଲ୍ ରଣନୀତିକ ଭାଗିଦାରୀରେ ନିରନ୍ତର ପ୍ରଗତିରେ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ପାରସ୍ପରିକ ଲାଭ ପାଇଁ ଏହି ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିଲେ।

3. ଉଭୟ ନେତା ଆତଙ୍କବାଦର ତୀବ୍ର ନିନ୍ଦା କରିଥିଲେ ଏବଂ ଆତଙ୍କବାଦର ସମସ୍ତ ରୂପ ଓ ଅଭିବ୍ୟକ୍ତି ପ୍ରତି ସେମାନଙ୍କର ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟକୁ ଦୋହରାଇଥିଲେ।

4. ସେମାନେ ମଧ୍ୟ ପଶ୍ଚିମ ଏସିଆର ପରିସ୍ଥିତି ଉପରେ ନିଜ ନିଜର ମତ ଆଦାନପ୍ରଦାନ କରିଥିଲେ। ଗାଜା ଶାନ୍ତି ଯୋଜନାର ଶୀଘ୍ର କାର୍ଯ୍ୟାନ୍ୱୟନ ସମେତ ସମ୍ବନ୍ଧିତ ଅଞ୍ଚଳରେ ଏକ ନ୍ୟାୟସଙ୍ଗତ ଓ ସ୍ଥାୟୀ ଶାନ୍ତି ପ୍ରୟାସ ଦିଗରେ ଭାରତର ସମର୍ଥନକୁ ପ୍ରଧାନମନ୍ତ୍ରୀ ମୋଦୀ ଦୋହରାଇଥିଲେ।

5. ଉଭୟ ନେତୃବୃନ୍ଦ ପରସ୍ପର ସହିତ ସମ୍ପର୍କ ବଜାୟ ରଖିବା ପାଇଁ ସହମତ ପ୍ରକାଶ କରିଥିଲେ।

ନୂଆଦିଲ୍ଲୀ

ଡିସେମ୍ବର 10, 2025